# NATIONAL NEWS BULLETIN (ODIA)

**3 September - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ନୂଆଦିଲ୍ଲୀଠାରେ ବେଲ୍‌ଜିୟମ ପ୍ରତିପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ।

- ଆଇନ୍ ଛାତ୍ରଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ଆଇନ୍ ପରିଷଦର କୌଣସି ସାମ୍ବିଧାନିକ କ୍ଷମତା ନାହିଁ - କହିଲେ ସୁପ୍ରିମକୋର୍ଟ ।

- ବିଶ୍ୱର ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କଲେ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ।

- ଜନ୍ମଗତ ନାଗରିକତାକୁ ସୀମିତ ରଖିବା ନେଇ ଟ୍ରମ୍ପଙ୍କ ପ୍ରଶାସନର ସଂଶୋଧିତ ଆଦେଶର କାର୍ଯ୍ୟକାରୀତା ଉପରେ ଆମେରିକାର ଏକ ଫେଡେରାଲ କୋର୍ଟ ଜାରିକଲେ ସ୍ଥଗିତାଦେଶ ।

ଏବଂ

- ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଓ ହଂକଂ ମଧ୍ୟରେ ଆଜି ହେବ ମୁକାବିଲା ।

# ବେଲଜିୟମ ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀଠାରେ ବେଲ୍‌ଜିୟମ ପ୍ରତିପକ୍ଷ ବାର୍ଟ ଡେ ଓ୍ୱେଭରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ବିଭିନ୍ନ ଆଞ୍ଚଳିକ ତଥା ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ନେଇ ଉଭୟଙ୍କ ମଧ୍ୟରେ ମତ ବିନିମୟ ହେଉଥିବା ଜଣାପଡିଛି । ବୈଠକ ଅବସରରେ ଉଭୟ ଦେଶ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇପାରେ ।

ବେଲ୍‌ଜିୟମ ପ୍ରଧାନମନ୍ତ୍ରୀ ଆଜି ସକାଳେ ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ଓ୍ୱେଭର ତିନିଦିନିଆ ଭାରତ ଗସ୍ତରେ ଆସି ଗତ ରାତିରେ ନୂଆଦିଲ୍ଲୀଠାରେ ପହଞ୍ଚିଛନ୍ତି । ଗତବର୍ଷ ଫେବୃୟାରୀ ମାସରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଓ୍ୱେଭରଙ୍କର ଏହା ପ୍ରଥମ ଭାରତ ଗସ୍ତ । ତାଙ୍କ ସହ ବେଲ୍‌ଜିୟମ ପ୍ରତିରକ୍ଷାମନ୍ତ୍ରୀ ଥିଓ ଫ୍ରାଙ୍କେନ ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି । ଭାରତ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପରିପ୍ରେକ୍ଷୀରେ ଶ୍ରୀ ଓ୍ୱେଭର ଭାରତୀୟ ଶିଳ୍ପସଂଘର ଏକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ଓ୍ୱେଭରଙ୍କର ଏହି ଗସ୍ତ ଭାରତ ଏବଂ ବେଲଜିୟମ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଓ ଆଭ୍ୟନ୍ତରୀଣ ସୁରକ୍ଷା, ନବୀକରଣୀୟ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରରେ

ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ତ୍ୱରାନ୍ୱିତ କରିବାରେ ଏହି ଗସ୍ତ ମାର୍ଗ ଉନ୍ମୁକ୍ତ କରିବ ବୋଲି କୁହାଯାଉଛି ।

ଭାରତ ଏବଂ ବେଲଜିୟମ ମଧ୍ୟରେ ଗତ ୩ ଶତାବ୍ଦୀରୁ ଅଧିକ ସମୟ ଧରି ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବଜାୟ ରହିଛି । ୧୯୪୭ ମସିହା ସେପ୍ଟେମ୍ବର ମାସରେ ସ୍ୱାଧୀନ ଭାରତ ସହିତ କୂଟନୈତିକ ସମ୍ପର୍କ ସ୍ଥାପନ କରିବାରେ ପ୍ରଥମ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ବେଲଜିୟମ ଅନ୍ୟତମ ଥିଲା । ୟୁରୋପୀୟ ଅଞ୍ଚଳରେ ବେଲଜିୟମ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଗତ ଆର୍ଥିକ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୧୩ ବିଲିୟନ ଡଲାରରୁ ଅଧିକ ରହିଥିଲା । ବେଲଜିୟମରେ ପ୍ରାୟ ୩୫ହଜାର ଭାରତୀୟ ବଂଶୋଦ୍ଭବ ବସବାସ କରୁଛନ୍ତି ।

## ରାଜନାଥ-ବେଲଜିୟମ ଡିଫେନ୍ସ ମିନିଷ୍ଟର

ବେଲଜିୟମର ପ୍ରତିରକ୍ଷାମନ୍ତ୍ରୀ ଥିଓ ଫ୍ରାଙ୍କେନଙ୍କ ସହ ଆଜି ନୂଆଦିଲ୍ଲୀଠାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପ୍ରତିନିଧିସ୍ତରୀୟ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଶ୍ରୀ ସିଂହ ବୈଶ୍ୱିକ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ବେଲଜିୟମ ଭାରତର ଏକ ସହଯୋଗୀ ରାଷ୍ଟ୍ରଭାବେ କାର୍ଯ୍ୟ କରି ଆସୁଛି । ବିଭିନ୍ନ କ୍ଷେତ୍ରରେ ଦୃଷ୍ଟିକୋଣ ଆଧାରିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ଆଜିର ଆଲୋଚନା ଏକ ମଞ୍ଚ ପ୍ରଦାନ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

ଭାରତକୁ ଏକ ଜନବହୁଳ ଏବଂ ଉଚ୍ଚ ପ୍ରଯୁକ୍ତିବିଦ୍ୟାର ଦେଶ ବୋଲି ବେଲଜିୟମ ପ୍ରତିରକ୍ଷାମନ୍ତ୍ରୀ ଥିଓ ଫ୍ରାଙ୍କେନ ବର୍ଣ୍ଣନା କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ପ୍ରତିରକ୍ଷା ସହଯୋଗ, ତାଲିମ ଏବଂ ଦକ୍ଷତାବିକାଶ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ବ୍ୟାପକ କରିବାକୁ ବୈଠକ ଅବସରରେ ଉଭୟ ନେତା ସହମତ ହୋଇଛନ୍ତି । ଆଞ୍ଚଳିକ ଶାନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ସୁରକ୍ଷା ସହଯୋଗର ଆବଶ୍ୟକତା ନେଇ ଉଭୟ ନେତା ଆଲୋଚନା କରିଥିବା ଜଣାପଡିଛି ।

---

## ଏସ୍‌ସି-ବିସିଆଇ

ଆଇନ୍ ଛାତ୍ରଙ୍କ ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ଆଇନ୍‌ଜୀବୀ ପରିଷଦ-ବିସିଆଇର କୌଣସି ସାମ୍ବିଧାନିକ କ୍ଷମତା ନାହିଁବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି । ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକ ସେମାନଙ୍କର ନିଜସ୍ୱ ନିୟାମକ ମାନଦଣ୍ଡ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ କହିଛନ୍ତି । ହାଇଦ୍ରାବାଦର ନାଲ୍‌ସାର ଆଇନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପ୍ରଧାନ ବିଚାରପତିଙ୍କ ପ୍ରସ୍ତାବିତ ଅଂଶଗ୍ରହଣକୁ ବିରୋଧ କରିବା ପରିପ୍ରେକ୍ଷୀରେ ସେଠାକାର ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ବିସିଆଇର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଷ୍ପତ୍ତି ସଂକ୍ରାନ୍ତ ଏକ ମାମଲାର ବିଚାର କରି ଖଣ୍ଡପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ନାଲ୍‌ସାର ପ୍ରସଙ୍ଗ ନେଇ ବିସିଆଇ ଦ୍ୱାରା ଜାରି ହୋଇଥିବା ଦୁଇଟି ବିଜ୍ଞପ୍ତିକୁ ଖଣ୍ଡପୀଠ ଖାରଜ କରିଛନ୍ତି । ଆଇନ୍ ବୃତ୍ତିକୁ ଆସିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ଉପରେ ବିସିଆଇର କୌଣସି ପ୍ରକାର ନିୟାମକ ନିୟନ୍ତ୍ରଣ ରହିବା ଉଚିତ୍ ନୁହେଁ ବୋଲି କୋର୍ଟ କହିଛନ୍ତି । ସୂଚନାଯୋଗ୍ୟ ଗତମାସରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ପ୍ରସ୍ତାବିତ ନାଲ୍‌ସାର

ବିଶ୍ୱବିଦ୍ୟାଳୟ ଗସ୍ତକୁ ସେଠାକାର ଛାତ୍ରଛାତ୍ରୀ ବିରୋଧ କରିଥିଲେ । ଏହାର ଆଧାରରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ୨୦୨୬ ସ୍ନାତକଙ୍କୁ ଓକିଲ ଭାବେ ଗ୍ରହଣ ନ କରିବା ନେଇ ବିସିଆଇ ପକ୍ଷରୁ ରାଜ୍ୟ ବାର୍ କାଉନ୍‌ସିଲ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବିସିଆଇ ପ୍ରତ୍ୟାହାର କରିନେଇଥିଲା ।

---

## ଗଡକରୀ-ଏସ୍‌ଆଇଏଏମ୍

ନବସୃଜନ, ଗୁଣବତ୍ତା ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟ ଆଧାରିତ ଭାରତ ବିଶ୍ୱର ଅଟୋମୋବାଇଲ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିବ । ନୂଆଦିଲ୍ଲୀରେ ଭାରତୀୟ ଅଟୋମୋବାଇଲ ଉତ୍ପାଦକ ସଂଘ ସିଆମ୍‌ର ୬୬ତମ ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏହା କହିଛନ୍ତି । ସେ କହିଛନ୍ତି ଭାରତର ଅଟୋମୋବାଇଲ ଶିଳ୍ପକ୍ଷେତ୍ର ୨୨ ଲକ୍ଷ ୭୫ହଜାର କୋଟିରୁ ଅଧିକ ହୋଇଛି । ଜିଏସ୍‌ଟି ସଂଗ୍ରହର ଏହା ୧୫ ପ୍ରତିଶତ ଅବଦାନ ରଖୁଛି ବୋଲି ଶ୍ରୀ ଗଡକରୀ କହିଛନ୍ତି । ଏହି ଶିଳ୍ପକ୍ଷେତ୍ର ଯୋଗୁଁ ପ୍ରାୟ ୪ କୋଟି ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଗତ ଆର୍ଥିକ ବର୍ଷରେ ଭାରତର ଅଟୋମୋବାଇଲ ରପ୍ତାନୀ ୨୪ ପ୍ରତିଶତ ବୃଦ୍ଧି ପାଇଛି ।

ଦେଶର ନୂତନ କାର୍ ମୂଲ୍ୟାଙ୍କନ କାର୍ଯ୍ୟକ୍ରମକୁ ଅଟୋଶିଳ୍ପର ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀ ଗଡକରୀ ବର୍ଣ୍ଣନା କରିଛନ୍ତି । ୧୧ଟି କମ୍ପାନୀର ୩୦ରୁ ଅଧିକ ଯାନବାହନର ମଡେଲ ଏହାଦ୍ୱାରା ପ୍ରମାଣିତ ହୋଇସାରିଛି । ଏଭଳି ପଦକ୍ଷେପ ପରୀକ୍ଷଣ ଖର୍ଚ୍ଚକୁ ହ୍ରାସ କରିବା ସହ

ବିଶ୍ୱ ବଜାରରେ ଭାରତୀୟ ଯାନବାହନର ବିଶ୍ୱସନୀୟତାକୁ ଅଧିକ ମଜଭୁତ କରିଛି । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ବର୍ଷ ଅକ୍ଟୋବର ମାସରେ କାର୍ଯ୍ୟକାରୀ କରାଯିବ । ଏଥିରେ ଦୁର୍ଘଟଣା ହ୍ରାସ, ପଦଯାତ୍ରୀଙ୍କ ସୁରକ୍ଷା, ଦୁର୍ଘଟଣା ପରବର୍ତ୍ତୀ ପଦକ୍ଷେପ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଉନ୍ନତ ସୁରକ୍ଷା ମାନଦଣ୍ଡକୁ କାର୍ଯ୍ୟକ୍ଷମ କରିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ଗଡକରୀ କହିଛନ୍ତି ।

ଡ୍ରାଇଭିଂ ଲାଇସେନ୍ସ ପାଇଁ ଏକ ଗ୍ରେଡେଡ୍ ପଏଣ୍ଟ ବ୍ୟବସ୍ଥା ପ୍ରଚଳନ କରିବାକୁ ସରକାର ବିଚାର କରୁଛନ୍ତି ବୋଲି ସେ କହିଛନ୍ତି । ସଡ଼କ ସୁରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସ୍ୱରୂପ ଏଭଳି ପ୍ରୟାସ ଜାରି ରହିଛି । ଆକାଂକ୍ଷୀ ଜିଲ୍ଲା ଗୁଡ଼ିକରେ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଅଧୀନରେ ଗାଡ଼ିଚାଳନା ପ୍ରଶିକ୍ଷଣ, ଯାନବାହନ ଫିଟ୍‌ନେସ ଏବଂ ସ୍କ୍ରାପିଂ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଶ୍ରୀ ଗଡକରୀ ଅଟୋ କମ୍ପାନୀଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

## ୟୁଏସ୍-ବାର୍ଥ ସିଟିଜେନ୍ସି

ଆମେରିକାରେ ଜନ୍ମଗତ ନାଗରିକତାକୁ ସୀମିତ ରଖିବା ନେଇ ଟ୍ରମ୍ପଙ୍କ ପ୍ରଶାସନର ସଂଶୋଧିତ କାର୍ଯ୍ୟନିର୍ବାହୀ ଆଦେଶ ଉପରେ ଏକ ଫେଡେରାଲ କୋର୍ଟ ପ୍ରତିବନ୍ଧକ ଜାରି କରିଛନ୍ତି । ଆମେରିକା ଜିଲ୍ଲା ବିଚାରପତି ଡେବୋରା ବୋର୍ଡମ୍ୟାନ୍ ଏହି ନିର୍ଦ୍ଦେଶ ଦେଇଛନ୍ତି । ସଂଶୋଧିତ କାର୍ଯ୍ୟନିର୍ବାହୀ ଆଦେଶ ଆମେରିକୀୟ ସମ୍ବିଧାନର ଉଲ୍ଲଙ୍ଘନ କରୁଛି ବୋଲି ବିଚାରପତି ମତବ୍ୟକ୍ତ କରିଛନ୍ତି । ଜନ୍ମଗତ ନାଗରିକତା ନେଇ ପୂର୍ବରୁ ପ୍ରଦତ୍ତ ପ୍ରଶାସନିକ ନିଷ୍ପତ୍ତିକୁ ଗତ ଜୁନ୍ ମାସ ୩୦ ତାରିଖରେ ଆମେରିକାର ସୁପ୍ରିମକୋର୍ଟ ପ୍ରତ୍ୟାଖ୍ୟାନ କରିଥିଲେ । ଏହାପରେ ଗତମାସ ୬ ତାରିଖରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ

ସଂଶୋଧିତ କାର୍ଯ୍ୟକାରୀ ଆଦେଶ ଜାରି କରିଥିଲେ । ଏହି ସଂଶୋଧିତ ଆଦେଶ ବଳରେ ପର୍ଯ୍ୟଟକ, ବିଦେଶୀ ସରକାରୀ କର୍ମଚାରୀ, ପ୍ରବାସୀ ଆଦିଙ୍କ ସନ୍ତାନକୁ ନାଗରିକତା ପ୍ରଦାନ ନେଇ ପ୍ରତିବନ୍ଧକ ରହିଥିଲା ।

## ଟେକ୍ସଟାଇଲ ଏମ୍‌ଓୟୁ ପ୍ୟାରିସ

ବୟନ ଏବଂ ଫ୍ୟାସନ୍ କ୍ଷେତ୍ରରେ ଭାରତ ଏବଂ ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଛନ୍ତି । ବିଶ୍ୱ ବଜାରରେ ଭାରତୀୟ ପୋଷାକ ଏବଂ କାରିଗରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବୟନ ମନ୍ତ୍ରଣାଳୟର ସଚିବ ନୀଲମ ସାମିରାଓଙ୍କ ଉପସ୍ଥିତିରେ ଭାରତ ଟେକ୍ସ ଟ୍ରେଡ୍ ଫେଡେରେସନ ଏବଂ ଫ୍ରାନ୍ସର ପ୍ରିମିୟର ଡିଭିଜନ ସୋସାଇଟି ଆନୋନିନ୍ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଆନ୍ତର୍ଜାତିକ ସ୍ତରରେ ବଜାର ପ୍ରବେଶ, ନିରନ୍ତର ପରିଚାଳନା ଏବଂ ଜ୍ଞାନର ଆଦାନ ପ୍ରଦାନରେ ଏହି ବୁାମଣାପତ୍ର ଅଧିକ ସହଯୋଗ ପ୍ରଦାନ କରିବ । ଜାତୀୟ ହସ୍ତତନ୍ତ ବିକାଶ ନିଗମ ଏବଂ ବିଶ୍ୱର ଅଗ୍ରଣୀ ପୋଷାକ ଏବଂ ଫ୍ୟାସନ ସୋର୍ସିଂ ବାଣିଜ୍ୟ ମେଳା ପ୍ରିମିୟର ଭିଜନ ସହିତ ମଧ୍ୟ ଏହି ଅବସରରେ ଏକ  ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ସଚିବ ଶ୍ରୀମତୀ ରାଓ ଭାରତର ବୟନଶିଳ୍ପ କ୍ଷେତ୍ର ଉପରେ ଆଲୋକପାତ କରିଛନ୍ତି । ଏଭଳି ପଦକ୍ଷେପ କାରିଗରୀ, ନବସୃଜନ ଏବଂ ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

# ସୀତାରମଣ ଇଣ୍ଡିଆ ରିଫର୍ମ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ବୈଶ୍ୱିକ ଆହ୍ୱାନ ସତ୍ତ୍ୱେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତତମ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଉଛି । ନ୍ୟୁୟର୍କଠାରେ ଏକ ଉଚ୍ଚସ୍ତରୀୟ ବ୍ୟାବସାୟିକ ନେତୃତ୍ୱ ବୈଠକକୁ ସମ୍ବୋଧନ କରି ଅର୍ଥମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ସଂସ୍କାରଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୭ ଦଶମିକ ୮ ପ୍ରତିଶତ ଅର୍ଥନୈତିକ ଅଭିବୃଦ୍ଧି ଏହାର ପ୍ରତିଫଳନ ବୋଲି ଶ୍ରୀମତୀ ସୀତାରମଣ ଉଲ୍ଲେଖ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ନିୟାମକ ତଥା ଅନୁପାଳନ ଜନିତ ପଦକ୍ଷେପ ଅଧିକ ସହଜ ହୋଇପାରିଛି । ଭିତ୍ତିଭୂମିକ ବିକାଶ ମାଧ୍ୟମରେ ଶିଳ୍ପକ୍ଷେତ୍ରକୁ ସମର୍ଥନ କରିବା ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରୁଛନ୍ତି ବୋଲି ସେ କହିଛନ୍ତି । ଯୋଗାଯୋଗ ବ୍ୟବସ୍ଥାଠୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତା, ତଥ୍ୟ ସଂରକ୍ଷଣ, ଦକ୍ଷତା ବିକାଶ କେନ୍ଦ୍ର, ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ତଥା ଆର୍ଥିକ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଅର୍ଥମନ୍ତ୍ରୀ ଏହି ବୈଠକରେ ଆଲୋକପାତ କରିଛନ୍ତି । ବ୍ୟାଙ୍କ୍ ଅଫ୍ ଆମେରିକା ସହଯୋଗରେ ଭାରତୀୟ କନ୍‌ସିଲେଟ୍ ଜେନେରାଲଙ୍କ ସହ ଏହି ବୈଠକର ଆୟୋଜନ କରାଯାଇଥିଲା ।

# କ୍ରିକେଟ୍

ଟି-ଟ୍ୱେଣ୍ଟି ମହିଳା ଏସିଆ କପ୍ କ୍ରିକେଟ୍‌ରେ ଆଜି ଗ୍ରୁପ୍-ଏ'ର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଓ ହଂକଂ ମଧ୍ୟରେ ମୁକାବିଲା ହେବ । ସଂଯୁକ୍ତ ଆରବ ଏମିରେଟ୍‌ସ୍‌ର ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ସନ୍ଧ୍ୟା ୮ଟାରେ ମ୍ୟାଚ୍ ଆରମ୍ଭ ହେବ । ଗତ ରବିବାର ଦିନ ଅନୁଷ୍ଠିତ ଭାରତର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ୯୪ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିଲା ।